# ବାଳୁତ ଅଧିକାର ଓ ସୁରକ୍ଷା କ୍ଷେତ୍ରରେ

# ପଞ୍ଚାୟତିରାଜ ସଂସ୍ଥାସମୂହର ଭୂମିକା

## ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ ଏକ ଚେତନା ଜାଗୃତି କର୍ମଶାଳା

୧୩ ମାର୍ଚ୍ଚ, ୨୦୧୦

*ଆୟୋଜକ-* ବସୁନ୍ଧରା, କଟକ

*ସ୍ଥାନ-* ସ୍ୱାଧାର ଗୃହ, ବସୁନ୍ଧରା, ଗଡିରାଉତପାଟଣା, କଟକ

*ସହାୟତା-* ବାଳୁତ ସୁରକ୍ଷା ପାଇଁ ଜାତୀୟ ପ୍ରୟାସ (ଏନ୍.ଆଇ.ସି.ପି.)

*ଉପସ୍ଥାପକ-* ଚିତ୍ତ ବେହେରା,
୪ଏ, ଜୁବୁଲି ଟାଓ୍ୱାର୍, ଚୌଧୁରୀ ବଜାର, କଟକ-୯
ମୋବାଇଲ୍- ୯୪୩୭୫୭୭୫୪୬,
ଇମେଲ୍ – chittabehera1@yahoo.co.in, chittabehera1@gmail.com
ଓ୍ୱେବ୍‌ସାଇଟ୍ – www.chittabehera.com

# ପଞ୍ଚାୟତିରାଜ ଓ ବାଳୁତ ସ୍ୱାର୍ଥ ସମ୍ବନ୍ଧରେ ସମ୍ବିଧାନରେ ବର୍ଣ୍ଣୀତ ବ୍ୟବସ୍ଥାମାନ

**ଧାରା ୨୧ [ଭାଗ-୩: ମୌଳିକ ଅଧିକାରସମୂହ]-** କେବଳ ଆଇନାନୁମୋଦିତ ପ୍ରକ୍ରିୟା ବ୍ୟତିରେକ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଜୀବନ ଓ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ ।

**ଧାରା ୨୧-ଏ: [ଭାଗ-୩: ମୌଳିକ ଅଧିକାରସମୂହ]-** ୬ ରୁ ୧୪ ବର୍ଷର ପ୍ରତି ବାଳୁତକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ରାଷ୍ଟ୍ର ଆଇନ୍ ପ୍ରଣୟନ ବଳରେ ବ୍ୟବସ୍ଥା କରିବ ।

**ଧାରା ୨୩ (୧): [ଭାଗ-୩: ମୌଳିକ ଅଧିକାରସମୂହ]-** ମାନବ ଚାଲାଣ, ଭିକ୍ଷାପ୍ରଥା ବା ଏପରି ଅନ୍ୟାନ୍ୟ ବାଧ୍ୟତାମୂଳକ ଶ୍ରମରେ କାହାକୁ ନିୟୋଜିତ କରିବା ନିଷିଦ୍ଧ ଅଟେ ।

**ଧାରା ୨୪: [ଭାଗ-୩: ମୌଳିକ ଅଧିକାରସମୂହ]-** ୧୪ ବର୍ଷରୁ କମ୍ ଜଣେ ବାଳୁତକୁ କୌଣସି କାରଖାନା ବା ଖଣି ଅଥବା ଅନ୍ୟ କୌଣସି ବିପଜ୍ଜନକ ଶ୍ରମରେ ନିୟୋଜିତ କରିବା ନିଷିଦ୍ଧ ।

**ଧାରା ୩୯(ଇ) [ଭାଗ-୪: ରାଷ୍ଟ୍ରନୀତି କ୍ଷେତ୍ରରେ ନିର୍ଦ୍ଧାରକ ନିୟମାବଳୀ ] -** ବାଳୁତମାନଙ୍କର କଞ୍ଚା ବୟସର ସୁଯୋଗ ନେଇ ସେମାନଙ୍କୁ ଅପବ୍ୟବହାର କରାଯିବ ନାହିଁ ତଥା ଆର୍ଥିକ ଦୁରବସ୍ଥାର ଶିକାର ହୋଇଥିବା କୌଣସି ନାଗରିକଙ୍କୁ ଏପରି କୌଣସି କାର୍ଯ୍ୟରେ ନିୟୋଜନ କରାଯିବ ନାହିଁ, ଯାହାକି ତାଙ୍କର ବୟସ ଓ ଶକ୍ତି ତୁଳନାରେ ଅନୁପଯୁକ୍ତ ।

**ଧାରା ୩୯(ଏଫ୍) [ଭାଗ-୪: ରାଷ୍ଟ୍ରନୀତି କ୍ଷେତ୍ରରେ ନିର୍ଦ୍ଧାରକ ନିୟମାବଳୀ ] -** ଏକ ସ୍ୱାସ୍ଥ୍ୟ-ଅନୁକୂଳ ପଦ୍ଧତିରେ ତଥା ସ୍ୱାଧୀନତା ଓ ମର୍ଯ୍ୟାଦାର ବାତାବରଣ ଭିତରେ ବାଳୁତ ମାନଙ୍କର ବିକାଶ ପାଇଁ ସୁବିଧାସୁଯୋଗ ଯୋଗାଇ ଦିଆଯିବ ଏବଂ ଶୋଷଣ ଏବଂ ନୈତିକ ତଥା ବସ୍ତୁଗତ ଦୈନ୍ୟର ଶିକାର ନହେବା ପାଇଁ ନାଗରିକମାନଙ୍କର ବାଲ୍ୟାବସ୍ଥା ଓ ଯୁବାବସ୍ଥାକୁ ସୁରକ୍ଷା ଦିଆଯିବ ।

**ଧାରା ୪୦ [ଭାଗ-୪: ରାଷ୍ଟ୍ରନୀତି କ୍ଷେତ୍ରରେ ନିର୍ଦ୍ଧାରକ ନିୟମାବଳୀ ]-** ଗ୍ରାମପଞ୍ଚାୟତ ଗୁଡିକୁ ସଂଗଠିତ ରୂପ ଦିଆଯାଇ ସେମାନଙ୍କୁ ଏଭଳି ସବୁ କ୍ଷମତା ଓ କର୍ତ୍ତୃତ୍ୱ ନ୍ୟସ୍ତ କରାଯିବ, ଯାହା ଫଳରେ ସେମାନେ ସ୍ୱୟଂଶାସନର ସତ୍ତାସମୂହ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ ।

**ଧାରା ୪୧ [ଭାଗ-୪: ରାଷ୍ଟ୍ରନୀତି କ୍ଷେତ୍ରରେ ନିର୍ଦ୍ଧାରକ ନିୟମାବଳୀ ]-** ଶ୍ରମ, ଶିକ୍ଷା ଏବଂ କେତେକ କ୍ଷେତ୍ରରେ (ଯଥା ବେକାରାବସ୍ଥା, ବାର୍ଦ୍ଧକ୍ୟ, ରୁଗ୍ଣତା, ପଙ୍ଗୁତା ତଥା ଅବାଂଛିତ ଦୈନ୍ୟାବସ୍ଥା) ସରକାରୀ ସହାୟତା ପାଇବାର ଅଧିକାର ।

**ଧାରା ୪୫ [ଭାଗ-୪: ରାଷ୍ଟ୍ରନୀତି କ୍ଷେତ୍ରରେ ନିର୍ଦ୍ଧାରକ ନିୟମାବଳୀ ]-** ଛ ବର୍ଷରୁ କମ୍ ବାଳୁତ ମାନଙ୍କ ପାଇଁ ସଅଳ ଶିଶୁ ଯତ୍ନ ଏବଂ ଶିକ୍ଷାଦାନର ବ୍ୟବସ୍ଥା ।

**ଧାରା ୫୧-ଏ (କେ) [ଭାଗ ୪-ଏ: ମୌଳିକ କର୍ତ୍ତବ୍ୟାବଳୀ] -** ପିତାମାତା ଏବଂ ଅଭିଭାବକ ମାନେ ସେମାନଙ୍କର ୬ରୁ ୧୪ ବର୍ଷ ଭିତରେ ଥିବା ସନ୍ତାନମାନଙ୍କୁ ଶିକ୍ଷାର ସୁଯୋଗ ଯୋଗାଇ ଦେବେ ।

**ଧାରା ୨୪୩-ଜି:ପଞ୍ଚାୟତମାନଙ୍କର କ୍ଷମତା, କର୍ତ୍ତୃତ୍ୱ ଓ କର୍ତ୍ତବ୍ୟାବଳୀ [ଭାଗ ୯: ପଞ୍ଚାୟତସମୂହ] -** ଆର୍ଥିକ ଉନ୍ନୟନ ଓ ସାମାଜିକ ନ୍ୟାୟ ଉଦ୍ଦେଶ୍ୟରେ ଯୋଜନା ପ୍ରସ୍ତୁତି ଓ ତହିଁର କାର୍ଯ୍ୟକାରିତା ପାଇଁ ପଞ୍ଚାୟତଗୁଡିକ ଯେପରି ସ୍ୱୟଂ-ଶାସନ ସଂସ୍ଥା ଭାବେ କ୍ରିୟାଶୀଳ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ କ୍ଷମତା ଓ କର୍ତ୍ତୃତ୍ୱ ନ୍ୟସ୍ତ କରିବା ପାଇଁ ରାଜ୍ୟମାନଙ୍କର ଆଇନ୍‌ସଭାଗୁଡିକ ଉପଯୁକ୍ତ ବିଧିବିଧାନ ପ୍ରଣୟନ କରିବେ ।

**ଏକାଦଶ ସାରଣୀ-** ଏଥିରେ ପଞ୍ଚାୟତମାନଙ୍କୁ ନ୍ୟସ୍ତ କରାଯିବାକୁ ଥିବା ୨୯ଟି ବିଷୟର ତାଲିକା ପ୍ରଦାନ କରାଯାଇଛି ।

***ବିନ୍ଦୁ-୧୭:*** ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମେତ ଶିକ୍ଷା ବ୍ୟବସ୍ଥା

***ବିନ୍ଦୁ-୧୮:*** ବୈଷୟିକ ତାଲିମ୍ ଏବଂ ଧନ୍ଦାମୂଳକ ଶିକ୍ଷା

***ବିନ୍ଦୁ-୨୩:*** ସ୍ୱାସ୍ଥ୍ୟ ଓ ପରିମଳ, ହସ୍ପିଟାଲ୍, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡାକ୍ତରଖାନା

***ବିନ୍ଦୁ-୨୪:*** ପରିବାର କଲ୍ୟାଣ

***ବିନ୍ଦୁ-୨୫:*** ମହିଳା ଓ ବାଳୁତ ବିକାଶ

## ଓଡିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ ଓ ନିୟମାବଳୀ ୧୯୬୮

**(ସଂଶୋଧିତ ୨୦୦୪ ପର୍ଯ୍ୟନ୍ତ)**

**- ଧାରା ୪୪( ଅବଶ୍ୟ-କରଣୀୟ କାର୍ଯ୍ୟାବଳୀ)- ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଓ ପରିଚାଳନା ପାଇଁ ପଞ୍ଚାୟତ ସମିତିକୁ ଯଥୋଚିତ ସହାୟତା ଯୋଗାଇଦେବା, ମହିଳା ଓ ବାଳୁତ କଲ୍ୟାଣ, ପଙ୍ଗୁ ଓ ମାନସିକ ଅନଗ୍ରସରମାନଙ୍କ କଲ୍ୟାଣ**

**- ଧାରା ୪୫(ସ୍ୱେଚ୍ଛାକୃତ କାର୍ଯ୍ୟାବଳୀ)-**

**ଜନନୀ ଓ ବାଳୁତ କଲ୍ୟାଣ ଓ ସେହି ଉଦ୍ଦେଶ୍ୟରେ କେନ୍ଦ୍ରସମୂହର ସ୍ଥାପନ; ଆଖଡା, କ୍ଲବ୍ ଏବଂ ଖେଳ, କସରତ୍ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୂପଣ ; ସର୍ବସାଧାରଣଙ୍କୁ ଟୀକାଦାନ ବ୍ୟବସ୍ଥା ; ଅନ୍ୟ ଗ୍ରାମ ପଞ୍ଚାୟତ ସହ ମିଳିତ ଭାବେ ବା ପଞ୍ଚାୟତ ସମିତିର ପୂର୍ବାନୁମତି କ୍ରମେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା**

# ବାଳୁତ ଅଧିକାର ଓ ସୁରକ୍ଷା ଉପରେ
# ପ୍ରଚଳିତ ଜାତୀୟ ବିଧିବିଧାନ

- ବାଲ୍ୟ ବିବାହ କଟକଣା ଆଇନ୍ ୧୯୨୯
- ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬
- ଅନୈତିକ ଚାଲାଣ (ପ୍ରତିଷେଧ) ଆଇନ୍, ୧୯୫୬
- ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ)ଆଇନ୍ ୧୯୮୬ ଓ ନିୟମାବଳୀ ୧୯୮୮
- ଶିଶୁଦୁଗ୍ଧର ବିକଳ୍ପ, ବୋତଲ ଖାଦ୍ୟ ଏବଂ ଶିଶୁଖାଦ୍ୟ (ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନର ନିୟନ୍ତ୍ରଣ) ଆଇନ୍ ୧୯୯୨, ନିୟମାବଳୀ ୧୯୯୩, ସଂଶୋଧନ ନିୟମାବଳୀ ୨୦୦୩
- କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦, ସଂଶୋଧନ ଆଇନ୍ ୨୦୦୬ ଓ ନିୟମାବଳୀ, ୨୦୦୭
- ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ ଓ ନିୟମାବଳୀ ୨୦୦୬
- ମାନବାଧିକାର ସୁରକ୍ଷା ଆଇନ୍ ୧୯୯୩ ଓ ସଂଶୋଧନ ୨୦୦୬
- ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍ ୧୯୭୧ ଓ ନିୟମାବଳୀ ୨୦୦୩
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ପ୍ରତିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୯୪, ନିୟମାବଳୀ ୧୯୯୬, ସଂଶୋଧନ ଆଇନ୍ ୨୦୦୨ ଓ ସଂଶୋଧନ ନିୟମାବଳୀ ୨୦୦୩
- ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫ ଓ ସଂଶୋଧନ ୨୦୦୬, ଏବଂ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ନିୟମାବଳୀ ୨୦୦୬
- ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ହାସଲ ପାଇଁ ବାଳୁତମାନଙ୍କର ଅଧିକାର ଆଇନ୍ ୨୦୦୯

# ବାଳୁତ କଲ୍ୟାଣ ସଂପର୍କୀତ
# କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ

- **ଅଙ୍ଗନବାଡି:** ୧୯୭୫ରୁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମନ୍ୱୀତ ଶିଶୁ ବିକାଶ ସେବା ବା ଆଇ.ସି.ଡି.ଏସ୍.ର ଉଦ୍ଦେଶ୍ୟ ହେଉଛି ପ୍ରତି ଗ୍ରାମରେ ଶିଶୁମାନଙ୍କ ପାଇଁ ଅନୁପୂରକ ପୁଷ୍ଟି, ଟୀକା ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା, ବିଶେଷଜ୍ଞଙ୍କ ନିକଟକୁ ପ୍ରେରଣ, ପ୍ରାକ୍-ବିଦ୍ୟାଳୟ ଓ ଅଣ-ଆନୁଷ୍ଠାନିକ ଶିକ୍ଷା, ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଗୋଟିଏ ଲେଖାଁ ଅଙ୍ଗନବାଡି ପ୍ରତିଷ୍ଠା ହେବ ଏବଂ ଏହାକୁ ଜଣେ ଅଙ୍ଗନବାଡି କର୍ମୀ ଦେଖାଶୁଣା କରିବେ ।
- **ସର୍ବ ଶିକ୍ଷା ଅଭିଯାନ-** ଭାରତର ୮୬ତମ ସଂଶୋଧନ ଅନୁଯାୟୀ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଯେଉଁସବୁ ସ୍ଥାନରେ ସ୍କୁଲ୍ ନାହିଁ, ସେଠାରେ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରିବା ତଥା ଯେଉଁଠି ସ୍କୁଲ୍‌ମାନଙ୍କରେ ଆବଶ୍ୟକୀୟ ସୁବିଧାସୁଯୋଗ ନାହିଁ, ତହିଁର ବ୍ୟବସ୍ଥା କରିବା ।
- **ସହକାରୀ ସେବିକା ଓ ପ୍ରସୂତୀ କର୍ମୀ (ଏ.ଏନ୍.ଏମ୍.)-** ପ୍ରତି ପି.ଏଚ୍.ସି. ଅଧୀନରେ ପ୍ରତି ୫୦୦୦ ଜନସଂଖ୍ୟା ପାଇଁ ଜଣେ ଜଣେ ଏ.ଏନ୍.ଏମ୍. ନିଯୁକ୍ତ ହୋଇଛନ୍ତି ।
- **ଆଶା କର୍ମୀ –** ଭାରତ ସରକାରଙ୍କ ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ତରଫରୁ ପ୍ରତି ସବ୍-ପି.ଏଚ୍.ସି. ଅଧୀନରେ ପ୍ରତି ଗ୍ରାମ ପାଇଁ ଜଣେ ଲେଖାଁ ଆଶା କର୍ମୀ ବା ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତ ହୋଇଛନ୍ତି ।
- **ମଧ୍ୟାହ୍ନ ଭୋଜନ -** ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ୧୯୯୫ ଅଗଷ୍ଟ ୧୫ରୁ ଭାରତ ସରକାରଙ୍କ ଦ୍ୱାରା ପରୀକ୍ଷାମୂଳକ ଭାବେ ଦେଶର ୨୪୦୮ ଟି ବ୍ଲକ୍‌ରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୧୯୯୭-୯୮ ଠାରୁ ଏହା ଦେଶର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଆସୁଛି ।